Sankha Bhawan
Plot No. 798, Unit - VI
Bhubaneswar - 751001, Odisha

BJD

Ph : 0674-2393464, 2395979
email : bijujanatadal@gmail.com

# BIJU JANATA DAL

<u>ପ୍ରେସ୍ ବିଜ୍ଞପ୍ତି</u>

## ୧୪୭ ବିଧାନସଭା ଆସନରେ ପ୍ରାର୍ଥୀ ପାଉନି ରାଜ୍ୟ ବିଜେପି: ବିଜେଡି

- **ଆଜିଯାଏଁ ଗୋଟିଏ ବି ବିଧାନସଭା ପ୍ରାର୍ଥୀ ଘୋଷଣା କରିପାରିଲାନି ରାଜ୍ୟ ବିଜେପି**
- **ଯୋଗ୍ୟ ପ୍ରାର୍ଥୀଙ୍କ ଘୋର ଅଭାବ ରାଜ୍ୟ ବିଜେପି ପାଖରେ**

**ଭୁବନେଶ୍ୱର, ୩୧/୦୩/୨୦୨୪:** ୧୪୭ ବିଧାନସଭା ଆସନରେ ଲଢ଼ିବାକୁ ବିଜେପି ପ୍ରାର୍ଥୀ ପାଉନି । ସେଥିପାଇଁ ଏଯାଏଁ ଜଣେ ପ୍ରାର୍ଥୀଙ୍କ ନାଁ ବି ବିଜେପି ଘୋଷଣା କରିପାରିନି ବୋଲି କହିଛନ୍ତି ବିଜେଡିର ରାଷ୍ଟ୍ରୀୟ ମୁଖପାତ୍ର ତଥା ସାଂସଦ ଡକ୍ଟର ସସ୍ମିତ ପାତ୍ର ।

ଡକ୍ଟର ପାତ୍ର ଆଜି ଏଠାରେ ଗଣମାଧ୍ୟମକୁ କହିଛନ୍ତି ଯେ, ଓଡ଼ିଶା ଭାରତୀୟ ଜନତା ପାର୍ଟି କହୁଛି ୧୪୭ ନିର୍ବାଚନ ମଣ୍ଡଳୀରେ ଲଢ଼ିବ, ହେଲେ ସେମାନେ ସେହି ୧୪୭ ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥୀ ପାଇପାରୁ ନାହାନ୍ତି, ଏହା ହେଉଛି ବାସ୍ତବିକ ସତ୍ୟ । ବିଜେପି ୨୧ ଲୋକସଭା ନିର୍ବାଚନମଣ୍ଡଳୀ ପ୍ରାର୍ଥୀ ଘୋଷଣା କଲା, ହେଲେ ଏବେଯାଏଁ ଗୋଟିଏ ବି ବିଧାନସଭା ପ୍ରାର୍ଥୀଙ୍କ ନାଁ ଘୋଷଣା କରିପାରିଲା ନାହିଁ । ପ୍ରାର୍ଥୀ ପାଉନଥିବାରୁ ବିଜେପି ଜନବିରୋଧୀ ଓ ଅପରାଧିକ କାର୍ଯ୍ୟରେ ଲିପ୍ତ ଥିବା ନେତାଙ୍କୁ ନିଜ ଦଳକୁ ନେଉଛି । ନିର୍ବାଚନ ଲଢ଼ିବାକୁ ପ୍ରାର୍ଥୀ ପାଉନଥିବାରୁ ରାଜ୍ୟ ବିଜେପି ଅସହାୟ ହୋଇପଡ଼ିଛି ବୋଲି ଡକ୍ଟର ପାତ୍ର କହିଛନ୍ତି ।

ଡଃ ପ୍ରିୟବ୍ରତ ମାଝୀ

(ଡଃ ପ୍ରିୟବ୍ରତ ମାଝୀ)
ମୁଖପାତ୍ର, ବିଜୁ ଜନତା ଦଳ